NATIONAL NEWS BULLETIN (ODIA)

26 November - 2026

Evening Bulletin : 7.15 p.m.

****

ମୁଖ୍ୟ ସମ୍ବାଦ

- ଭାରତୀୟ ନ୍ୟାୟ ପାଳିକା ନିଜର ଦାୟିତ୍ୱ ଉପରେ ଗୁରୁତ୍ୱ ଦେବା ସହ ସମ୍ବିଧାନ ପ୍ରଣେତାଙ୍କ ଆଦର୍ଶକୁ ସାକାର କରୁଛନ୍ତି, କହିଲେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତ-ମହାସାଗର ରିମ୍‌ସଂଘର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ।

– କେତେକ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଦ୍ୱିପାକ୍ଷିକ ଆଲୋଚନା ।

- ଶ୍ୱେତ ବିପ୍ଳବ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଦେଶରେ ୭୫ ହଜାର ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ସରକାର ।

ଏବଂ

- ଏସିଆ କପ୍ ରାଇଜିଂ ଷ୍ଟାର୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ଶ୍ରୀଲଙ୍କା-ଏ ସମ୍ମୁଖରେ ୩୧୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଭାରତୀୟ-ଏ ଦଳ ।

ପ୍ରେଜ୍-କନ୍‌ଷ୍ଟିଚ୍ୟୁସନ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତୀୟ ନ୍ୟାୟ ପାଳିକା ଭବିଷ୍ୟତ ପରିସ୍ଥିତି ସହ ଖାପ ଖୁଆଇ ନ୍ୟାୟର ମୌଳିକ ଆଦର୍ଶକୁ ବଜାୟ ରଖିପାରିଛି । ନୂଆଦିଲ୍ଲୀରେ ସୁପ୍ରିମ୍‌କୋର୍ଟ୍ ଦ୍ୱାରା ଆୟୋଜିତ ସମ୍ବିଧାନ ଦିବସ ସମାରୋହକୁ ଆଜି ସନ୍ଧ୍ୟାରେ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଗତ ୭ରୁ ୮ ଦଶନ୍ଧି ଧରି ସମାଜର ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି । ପ୍ରଯୁକ୍ତିବିଦ୍ୟା ଏବଂ ଗଣମାଧ୍ୟମର ପ୍ରଭାବ ନିରନ୍ତର ବୃଦ୍ଧି ପାଇବା ସହ କ୍ରମଶଃ ବ୍ୟାପକ ଏବଂ ସୁଦୃଢ଼ ହେଉଛି । ଅନ୍ୟ ପକ୍ଷରେ ନ୍ୟାୟ ପାଳିକା ନିଜର ଦାୟିତ୍ୱ ଉପରେ ଗୁରୁତ୍ୱ ଦେବା ସହ ସମ୍ବିଧାନ ପ୍ରଣେତାଙ୍କ ଆଦର୍ଶକୁ ସାକାର କରୁଛନ୍ତି ।

ବିଭିନ୍ନ ଅନୁଷ୍ଠାନର କାର୍ଯ୍ୟସଂସ୍କୃତିରେ ଭାରତୀୟତା ଭାବନାର ପ୍ରତିଫଳନ ଉପରେ ରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି । ଗତ କିଛି ବର୍ଷ ମଧ୍ୟରେ ଉପନିବେଶବାଦୀ ମାନସିକତାକୁ ନିଜକୁ ମୁକ୍ତ କରିବା ସହ ଆମର ପ୍ରୟାସରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି ବୋଲି ରାଷ୍ଟ୍ରପତି କହିଛନ୍ତି । ନ୍ୟାୟ ପାଳିକା ନ୍ୟାୟ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟନ୍ୱୟନକୁ ଅଧିକ ମଜବୁତ କରୁଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

V/O1-PREZ-CONSTITUTION-DAY

ନୂଆଦିଲ୍ଲୀରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସୁଶାସନ ପାଇଁ ସମ୍ବିଧାନ ଏକ

ମାର୍ଗଦର୍ଶିକା ହେବା ସହ ନାଗରିକଙ୍କ ଆଶା, ଆକାଂକ୍ଷା ଏବଂ ମୂଲ୍ୟବୋଧକୁ ପ୍ରତିଫଳନ କରୁଛି । ସମ୍ବିଧାନକୁ ସମ୍ମାନ କରିବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି, ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଷ୍ପତ୍ତି ଆଧାରରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ଭାବେ ପାଳନ କରାଯାଇ ଆସୁଛି ।

V/O-Amit Saha

୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ସଭା ପକ୍ଷରୁ ଭାରତୀୟ ସମ୍ବିଧାନକୁ ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହାକୁ କାର୍ଯ୍ୟକାରି କରାଯିବା ସହ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ପାଳନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆଇଓଆର୍ଏ-ବୈଠକ

ଭାରତ ମହାସାଗର ରିମ୍‌ସଂଘ ଆଇ.ଓ.ଆର୍.ଏ.ର ୨୫ତମ ମନ୍ତ୍ରୀ ପରିଷଦ ବୈଠକ ଆସନ୍ତାକାଲିଠାରୁ ନୂଆଦିଲ୍ଲୀଠାରେ ଆରମ୍ଭ ହେବ । ଏହି ବୈଠକରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ଏକତ୍ରିତ ହୋଇ ସାମଗ୍ରୀକ ନୀତି ଏବଂ ରଣନୈତିକ କ୍ଷେତ୍ରଗୁଡ଼ିକ ଉପରେ ମତବିନିମୟ କରିବେ । ଆଇ.ଓ.ଆର୍.ଏ. ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ

ବୃଦ୍ଧି କରିବା ଏବଂ ବିଭିନ୍ନ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର ଉପରେ ମିଳିମିଶି କାର୍ଯ୍ୟ କରିବାକୁ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ । ଭାରତ ମହାସାଗର କ୍ଷେତ୍ରରେ 'ନବସୃଜନ, ମୁକ୍ତ, ସ୍ଥିରତା ଏବଂ ଅନୁକୂଳ ସ୍ଥିତି' ପ୍ରସଙ୍ଗ ଆଧାରରେ ଏହି ବୈଠକରେ ୨୩ଟି ସଦସ୍ୟ ରାଷ୍ଟ୍ର ଏବଂ ୧୨ଟି ଅଂଶୀଦାର ରାଷ୍ଟ୍ରର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ ମତବିନିମୟ କରିବେ ।

ବୈଠକରେ ଯୋଗଦେବା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀରେ ଆସି ପହଞ୍ଚୁଛନ୍ତି । ସେମାନଙ୍କ ମଧ୍ୟରେ ସେସେଲ୍ସର ମନ୍ତ୍ରୀ ବାରି ଫାଉ, ମରିସସ୍ର ମନ୍ତ୍ରୀ ଧନଞ୍ଜୟ ରାମଫଲ, ଶ୍ରୀଲଙ୍କାର ମନ୍ତ୍ରୀ ବିଜିତା ହେରାତ୍ ଏବଂ ମାଳଦ୍ୱୀପର ମନ୍ତ୍ରୀ ଇରୁଥିସାମ ଆଦାମ ପ୍ରମୁଖ ନୂଆଦିଲ୍ଲୀରେ ପହଞ୍ଚି ସାରିଲେଣି ।

ବୈଠକ ପରିପ୍ରେକ୍ଷୀରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ନୂଆଦିଲ୍ଲୀରେ କେତେକ ସଦସ୍ୟ ରାଷ୍ଟ୍ରର ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ସେସେଲ୍ସର ବୈଦେଶିକ ମନ୍ତ୍ରୀ ବାରି ଫାଉରେଙ୍କ ସହ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟ, ଯୋଗାଯୋଗ, ଦକ୍ଷତା ବିକାଶ, ଶକ୍ତି, ସାଇବର ସୁରକ୍ଷା ଏବଂ କୃତ୍ରିମ ବୁଦ୍ଧିମତା ଉପରେ ଉଭୟ ନେତାଙ୍କ ମଧ୍ୟରେ ମତବିନିମୟ ହୋଇଛି । ମରିସସ୍ ପ୍ରତିପକ୍ଷ ଧନଞ୍ଜୟ ରାମଫଲଙ୍କ ସହ ବୈଠକରେ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ୍ ଅଧୀନରେ ଜାରି ରହିଥିବା ପ୍ରକଳ୍ପଗୁଡ଼ିକ ଉପରେ ସମୀକ୍ଷା କରାଯାଇଛି । ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାକୁ ଅଧିକ ମଜବୁତ କରିବା ପାଇଁ ଉଭୟଙ୍କ ମଧ୍ୟରେ ମତବିନିମୟ ହୋଇଛି ।

ନ୍ୟାସନାଲ୍ ମିଲ୍କ ଡେ-ପାଟନା

ଶ୍ୱେତ ବିପ୍ଳବ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ସମଗ୍ର ଦେଶରେ ୭୫ ହଜାର ଦୁଗ୍ଧ ସମବାୟ ସମିତି ପ୍ରତିଷ୍ଠା କରାଯିବ । ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ବିହାରର ପାଟନାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମତ୍ସ୍ୟ, ପଶୁପାଳ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଂଜନ ସିଂହ ଏହା କହିଛନ୍ତି । ସେ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଅଧୀନରେ କାର୍ଯ୍ୟକ୍ଷମ ଥିବା ଦୁଗ୍ଧ ସମବାୟ ସମିତିଗୁଡ଼ିକ ଅଧିକ ମଜବୁତ କରିବା ପାଇଁ ପ୍ରୟାସ ଜାରି ରହିଛି । ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ପଶୁପାଳ ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ପାଇଁ ଏକ ଜଳବାୟୁ ପ୍ରତିରୋଧି ଢାଞ୍ଚାର ଶୁଭାରମ୍ଭ କରାଯାଇଛି । ଏଥିସହ ଏହି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ କେତେକ ପ୍ରକଳ୍ପର ମଧ୍ୟ ମନ୍ତ୍ରୀ ଶ୍ରୀ ସିଂହ ଉଦ୍‌ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ଜାତୀୟ ଗୋପାଳ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ଦୁଗ୍ଧ ସମବାୟ ସମିତି ଏବଂ ଉତ୍ପାଦକ ସଂଗଠନଗୁଡ଼ିକର ମୂଲ୍ୟାଙ୍କନ ଏବଂ ଗ୍ରେଡିଂ ପାଇଁ ଏକ ୱେବ୍ ପୋର୍ଟାଲ୍ ଓ ମାର୍ଗଦର୍ଶିକାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି । ଭାରତର ଶ୍ୱେତ ବିପ୍ଳବର ଜନକ ଡକ୍ଟର ବର୍ଗିସ୍ କୁରିଏନ୍‌ଙ୍କ ଜୟନ୍ତୀ ପାଳନ ଅବସରରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ ଜାତୀୟ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି ।

ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ୨୯ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୪୦ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

ବାଲ୍ୟ ବିବାହ

ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀରେ ବାଲ୍ୟ ବିବାହ ମୁକ୍ତ ଭାରତ ଉପରେ ପର୍ଯ୍ୟବେଶିତ ଏକ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମ୍ପୂର୍ଣ୍ଣ ସରକାର ଓ ସମ୍ପୂର୍ଣ୍ଣ ସମାଜ ଆଭିମୁଖ୍ୟ ମାଧ୍ୟମରେ ବାଲ୍ୟ ବିବାହ ନିରାକରଣ ଅଭିଯାନ ଗତ ୨୦୨୪ ନଭେମ୍ବର ୨୭ ତାରିଖରେ ଦେଶ ବ୍ୟାପି ଆରମ୍ଭ କରାଯାଇଥିଲା । ଆସନ୍ତାକାଲି ଏହାର ଦ୍ୱିତୀୟ ବାର୍ଷିକୀ ପାଳନ କରାଯିବ । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ

ଅଞ୍ଚଳଗୁଡ଼ିକର ସମ୍ପୃକ୍ତ ବିଭାଗ, ବାଲ୍ୟ ବିଭାଗ ନିଷେଧ ଅଧିକାରୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ, ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକର ପ୍ରତିନିଧି ଯୋଗଦେବେ । ମିଳିତ ଜାତିସଂଘ ପକ୍ଷରୁ ନଭେମ୍ବର ୨୭ ତାରିଖକୁ ବାଲ୍ୟ ବିବାହ ନିଷେଧ ଆନ୍ତର୍ଜାତିକ ଦିବସ ଭାବେ ପାଳନ ନେଇ ଘୋଷଣା କରାଯାଇଛି । ଏଭଳି ପଦକ୍ଷେପ କନ୍ୟା ଶନ୍ତାନଙ୍କ ଶିକ୍ଷା, ସଶକ୍ତି କରଣ ଏବଂ କଲ୍ୟାଣକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ବାଲ୍ୟ ବିଭାହ ମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ ମନ୍ତ୍ରଣାଳୟ ପକ୍ଷରୁ ଏକ ପୋର୍ଟାଲ୍‌କୁ କାର୍ଯ୍ୟକ୍ଷମ କରାଯାଇଛି ।

ଡିପ୍ଲୋମାଟିକ୍ ମିଶନ୍

୨୦୦୮ ମସିହା ନଭେମ୍ବର ୨୬ ତାରିଖରେ ଘଟିଥିବା ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଆଜି ୧୮ ବର୍ଷ ପୂରଣ ହୋଇଛି । ଏହି ଘଟଣାରେ ସର୍ବୋଚ୍ଚ ବଳୀଦାନ ଦେଇଥିବା ବ୍ୟକ୍ତିବିଶେଷ ଓ ସୁରକ୍ଷା କର୍ମୀଙ୍କୁ ଆଜି ଦେଶବାସୀ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି । ଲସ୍କର-ଏ-ତୋଏବା ସହ ଜଡ଼ିତ ୧୦ ଜଣ ସଶସ୍ତ୍ର ଆତଙ୍କାବଦୀ ମୁମ୍ବାଇର ବିଭିନ୍ନ ସମୟରେ ପ୍ରାୟ ୬୦ ଘଣ୍ଟା ଧରି ଗୁଳି ଚାଳନା କରିଥିଲେ । ଏଥିରେ ୧୬୬ ଜଣ ପ୍ରାଣ ହରାଇବା ସହ ୩୦୦ରୁ ଅଧିକ ଆହତ ହୋଇଥିଲେ । ଗୁଳି ବିନିମୟରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଅଜମଲ କସାବକୁ ଗିରଫ୍ କରାଯାଇଥିଲା । ପରେ ସେ ଦୋଷୀ ସାବ୍ୟସ୍ତ

ହେବା ସହ ଫାଶି ଦିଆଯାଇଥିଲା । ଆତଙ୍କବାଦ ବିରୁଦ୍ଧରେ ସତର୍କ ରହିବା ଏବଂ ଜାତୀୟ ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ଏହି ଦିବସ ସ୍ମରଣ କରାଯାଇଥାଏ ।

ଦିବସ ପାଳନ ଅବସରରେ ନୂଆଦିଲ୍ଲୀ ସ୍ଥିତ ବିଭିନ୍ନ ରାଷ୍ଟ୍ରର ଦୂତାବାସ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ସେମାନଙ୍କ ମଧ୍ୟରେ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋର୍ ଏବଂ ଫରାସୀ ଏବଂ ଇରାନ୍ ଦୂତାବାସ ଆଦି ଅନ୍ତର୍ଭୁକ୍ତ । ଆର୍ଜେଣ୍ଟିନାର ରାଷ୍ଟ୍ରଦୂତ ମାରିଆନୋ କାଉସିନୋ, ଇସ୍ରାଏଲ୍‌ର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଭିନ୍ନ ଭିନ୍ନ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି ।

ସୀତାରମଣ-ବଜେଟ୍

ନୂଆଦିଲ୍ଲୀରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଗାମୀ କେନ୍ଦ୍ରୀୟ ବଜେଟ୍ ପାଇଁ ଯୁବ ବର୍ଗଙ୍କ ସହ ଆଲୋଚନା କରିଛନ୍ତି । ପ୍ରାକ୍ ବଜେଟ୍ ବୈଠକର ଏହି ତ୍ରୟୋଦଶ ତଥା ଅନ୍ତିମ ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ଅର୍ଥନୈତିକ ବ୍ୟାପାର ବିଭାଗ, ଶିକ୍ଷା ମନ୍ତ୍ରଣାଳୟ ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ସଚିବ ପ୍ରମୁଖ ଯୋଗ ଦେଇଥିଲେ ।

କ୍ରିକେଟ୍

ଏସିଆ କପ୍ ରାଇଜିଂ ଷ୍ଟାର୍ ପୁରୁଷ କ୍ରିକେଟ୍ ପ୍ରତିଯୋଗିତାରେ ଆଜିର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଭାରତ ଓ ଶ୍ରୀଲଙ୍କା 'ଏ' ଦଳ ମଧ୍ୟରେ ଜାରି ରହିଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଶ୍ରୀଲଙ୍କା ସମ୍ମୁଖରେ ଭାରତ ୩୧୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୮ ୱିକେଟ୍ ବିନିମୟରେ ୩୧୭ରନ୍ ସଂଗ୍ରହ କରିଛି ।